# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 23rd April – 2026

**********************************

## ମୁଖ୍ୟ ସମ୍ବାଦ

- ଓଡ଼ିଶାର ଯୁବବର୍ଗଙ୍କପାଇଁ ଆଗାମୀ ଦଶନ୍ଧି ଏକ ସୁବର୍ଣ୍ଣ ଦଶକ ହେବ; କହିଲେ ମୁଖ୍ୟମନ୍ତ୍ରୀ ।

- ଭୁବନେଶ୍ୱରରେ ୭ଟି ବିଭାଗର ୪ ହଜାର ୬୨୩ ଜଣ ନବନିଯୁକ୍ତଙ୍କୁ ନିଯୁକ୍ତି ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ ।

- ଜନଗଣନାରେ ନିୟୋଜିତ କର୍ମଚାରୀଙ୍କ ସୁରକ୍ଷାପାଇଁ ମାର୍ଗଦର୍ଶିକା ଜାରି କଲେ ରାଜ୍ୟ ସରକାର ।

- ପଶ୍ଚିମବଙ୍ଗରେ ପ୍ରଥମ ପର୍ଯ୍ୟାୟ ଏବଂ ତାମିଲନାଡୁ ବିଧାନସଭା ନିର୍ବାଚନପାଇଁ ଶେଷ ହେଲା ଭୋଟ୍‌ଗ୍ରହଣ ।

ଏବଂ

- ରାଜ୍ୟର ୧୬ଟି ସ୍ଥାନର ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ୍ ଉପରେ ରେକର୍ଡ଼ ।

**_BBSR/R_**

# ବିକଶିତ ଓଡ଼ିଶା

ଯୁବସମାଜକୁ ଦକ୍ଷ କରିବା ସହ ସେମାନଙ୍କ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରିବା ସରକାରଙ୍କ ପ୍ରମୁଖ ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱରରେ ଆଜି ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ମାଝୀ କହିଛନ୍ତି, ଓଡ଼ିଆ ଯୁବକମାନେ କେବଳ ନିଯୁକ୍ତି ସନ୍ଧାନକାରୀ ନ ହୋଇ ନିଯୁକ୍ତି ପ୍ରଦାନକାରୀ ହେବେ। ଆଗାମୀ ୧୦ ବର୍ଷ ଓଡ଼ିଶାର ଯୁବବର୍ଗଙ୍କପାଇଁ ଏକ ସୁବର୍ଣ୍ଣ ଦଶକ ହେବ ବୋଲି ଶ୍ରୀ ମାଝୀ କହିଛନ୍ତି ।

***Voice (CM)*** :.......

ମୁଖ୍ୟମନ୍ତ୍ରୀ କହିଛନ୍ତି, ବିକାଶର ଆଲୋକ କେବଳ ସହର ପର୍ଯ୍ୟନ୍ତ ସୀମିତ ନ ରହି ପ୍ରତ୍ୟେକ ଜିଲ୍ଲା, ପଞ୍ଚାୟତ ଓ ଗାଁ ପର୍ଯ୍ୟନ୍ତ ପହଞ୍ଚିବା ଦରକାର । ଏଥିପାଇଁ ସରକାର ଏମ୍.ଏସ୍.ଏମ୍.ଇ., ଷ୍ଟାର୍ଟଅପ୍, କୃଷି ଆଧାରିତ ଉଦ୍ୟୋଗକୁ ପ୍ରୋତ୍ସାହିତ କରୁଛନ୍ତି । ଆଗାମୀ ଦିନରେ ରାଜ୍ୟରେ ସଡ଼କ ପଥ, ରେଳପଥ ସହ ସେମିକଣ୍ଡକ୍ଟର, ଆଇ.ଟି., ଏ.ଆଇ., ଫିନ୍‌ଟେକ୍ ଆଦି ଆଧୁନିକ ଶିଳ୍ପ ପ୍ରତିଷ୍ଠା କରାଯିବ ବୋଲି ଶ୍ରୀ ମାଝୀ କହିଛନ୍ତି ।

**_Desk_**

# ନିଯୁକ୍ତି ମେଳା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ୭ଟି ବିଭାଗର ୪ ହଜାର ୬୨୩ ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ

କରିଛନ୍ତି । ସାମାଜିକ ଗଣମାଧ୍ୟମରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ବିକଶିତ ରାଷ୍ଟ୍ର ଗଠନ ସ୍ୱପ୍ନ ପୂରଣ କରିବା ପାଇଁ ଯୁବଶକ୍ତି ସଶକ୍ତ ହେବା ନିତ୍ୟାନ୍ତ ଆବଶ୍ୟକ। ସେମାନଙ୍କୁ ଉପଯୁକ୍ତ ସୁଯୋଗ ପ୍ରଦାନ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ନିଯୁକ୍ତିମେଳା ମାଧ୍ୟମରେ ସରକାର ଏକ ଆତ୍ମନିର୍ଭରଶୀଳ ଓ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଦକ୍ଷ ଯୁବସାରଥୀଙ୍କୁ ପ୍ରସ୍ତୁତ କରୁଛନ୍ତି ବୋଲି ଶ୍ରୀ ମାଝୀ କହିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ୪ ହଜାର ୧୧୩ ଜଣ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ୧୫୪, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ୧୪୩, ଖଣି ଓ ଶିଳ୍ପ ବିଭାଗର ୭୭, ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗର ୭୦, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ୫୨ ଏବଂ ଦକ୍ଷତା ବିକାଶ ଓ ପ୍ରଯୁକ୍ତିବିଦ୍ୟା ବିଭାଗର ୧୪ ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଉଛି । କାର୍ଯ୍ୟକ୍ରମରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଜଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ଖୁଣ୍ଟିଆ ଓ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାଏକ ପ୍ରମୁଖ ଉପସ୍ଥିତ ଅଛନ୍ତି ।

***Desk***

## ଜନଗଣନା - ମାର୍ଗଦର୍ଶିକା

ରାଜ୍ୟରେ ଚାଲିଥିବା ଜନଗଣନାରେ ନିୟୋଜିତ ଅଧିକାରୀ ଓ କର୍ମଚାରୀଙ୍କୁ ସୁରକ୍ଷା ଯୋଗାଇଦେବା ନିମନ୍ତେ ରାଜସ୍ୱ ଓ ବିପର୍ଯ୍ୟୟ

ପରିଚାଳନା ବିଭାଗ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି । ଜନଗଣନାକାରୀ ଓ ପର୍ଯ୍ୟବେକ୍ଷକମାନଙ୍କୁ ଗଣନା ସମୟରେ ପରିଚୟ ପତ୍ର ଓ ନିଯୁକ୍ତିପତ୍ର ପାଖରେ ରଖିବା ଲାଗି ପରାମର୍ଶ ଦିଆଯାଇଛି । ଅତିରିକ୍ତ ମୁଖ୍ୟଶାସନ ସଚିବ ଡକ୍ଟର ଅରବିନ୍ଦ କୁମାର ପାଢ଼ୀଙ୍କଦ୍ୱାରା ଜାରି କରାଯାଇଥିବା ମାର୍ଗଦର୍ଶିକା ନେଇ ସମସ୍ତ ଜିଲ୍ଲାପାଳ ତଥା ମୁଖ୍ୟ ଜନଗଣନା ଅଧିକାରୀ, ସମସ୍ତ ମହାନଗର ନିଗମ କମିଶନର ଓ ପୁଲିସ ଅଧୀକ୍ଷକଙ୍କୁ ଅବଗତ କରାଯାଇଛି । ଗ୍ରୀଷ୍ମପ୍ରବାହ ଦୃଷ୍ଟିରୁ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଜନଗଣନା ବନ୍ଦ ରଖିବା ଲାଗି ନିଷ୍ପତ୍ତି ନିଆଯାଇଥିବାବେଳେ ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ ଜନଗଣନା ସମୟରେ ଜଣେ ପରିବର୍ତ୍ତେ ଦୁଇଜଣ କାର୍ଯ୍ୟ କରିବେ । ପର୍ଯ୍ୟବେକ୍ଷକମାନେ ପ୍ରତି ଘଣ୍ଟାରେ ଗଣନାକାରୀଙ୍କ ସମ୍ବନ୍ଧରେ ତଥ୍ୟ ସଂଗ୍ରହ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଯଦି ଗଣନା ସମୟରେ କୌଣସି ପ୍ରକାରର ବିପଦର ଆଶଙ୍କା ଥାଏ, ସେକ୍ଷେତ୍ରରେ ଗଣନାକାରୀ ଅନ୍ୟ ସମୟରେ ଆବଶ୍ୟକ ସୁରକ୍ଷା ଦଳ ସହ ଜନଗଣନା କାର୍ଯ୍ୟ ସମ୍ପାଦନ କରିବେ । ଆବଶ୍ୟକ ପଡ଼ିଲେ ଜନଗଣନାକାରୀ ଓ ପର୍ଯ୍ୟବେକ୍ଷକଙ୍କ ତଥ୍ୟ ନିକଟସ୍ଥ ଥାନାରେ ଜଣାଇବାପାଇଁ ମାର୍ଗଦର୍ଶିକାରେ କୁହାଯାଇଛି । ଜନଗଣନା ଆଇନ-୧୯୪୮ ଅନୁଯାୟୀ କାର୍ଯ୍ୟରତ ଜନଗଣନା କର୍ମଚାରୀଙ୍କ ପ୍ରତି କୌଣସି ପ୍ରକାର ପ୍ରତିବନ୍ଧକ ସୃଷ୍ଟି କଲେ ଦଣ୍ଡବିଧାନ ବ୍ୟବସ୍ଥା ରହିଥିବା ମାର୍ଗଦର୍ଶିକାରେ କୁହାଯାଇଛି ।

***Desk***

# ବିଧାନସଭା ନିର୍ବାଚନ

ପଶ୍ଚିମବଙ୍ଗରେ ପ୍ରଥମ ପର୍ଯ୍ୟାୟ ଏବଂ ତାମିଲନାଡୁ ବିଧାନସଭା ନିର୍ବାଚନ ପାଇଁ ଭୋଟ୍‌ଗ୍ରହଣ ସନ୍ଧ୍ୟା ୬ଟାରେ ଶେଷ ହୋଇଛି । ତେବେ କେତେକ ମତଦାନ କେନ୍ଦ୍ରରେ ଭୋଟ୍‌ଗ୍ରହଣ ଚାଲିଥିବା ଜଣାପଡ଼ିଛି । ସନ୍ଧ୍ୟା ୫ଟା ସୁଦ୍ଧା ପଶ୍ଚିମବଙ୍ଗରେ ଅଣାନବେ ଦଶମିକ ୯/୩ ପ୍ରତିଶତ ମତଦାନ ହୋଇଥିବାବେଳେ ଝାଡ଼ଗ୍ରାମରେ ସର୍ବାଧିକ ୯୦ ଦଶମିକ ୫/୩ ପ୍ରତିଶତ ମତଦାନ ହୋଇଛି । ତାମିଲନାଡୁରେ ସନ୍ଧ୍ୟା ୫ଟା ସୁଦ୍ଧା ୮୨ ପ୍ରତିଶତ ମତଦାନ ହୋଇଥିବା ଜଣାପଡ଼ିଛି । ଚେନ୍ନାଇରେ ସର୍ବାଧିକ ୮୧ ପ୍ରତିଶତ ମତଦାନ ହୋଇଛି ।

ତାମିଲନାଡୁରେ ୨୩୪ଟି ବିଧାନସଭା ଆସନ ପାଇଁ ୪ ହଜାର ୨୩ ଜଣ ପ୍ରାର୍ଥି ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିଲେ । ରାଜ୍ୟରେ ୭୫ ହଜାର ୬୪ଟି ଭୋଟ୍‌ଗ୍ରହଣ କେନ୍ଦ୍ରରେ ମତଦାନ ହୋଇଛି ।

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଲାଗି ଆଜି ୧୬ଟି ଜିଲ୍ଲାର ୧୫୨ଟି ଆସନରେ ୧ ହଜାର ୪୭୮ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ ହୋଇଛି ।

ପଶ୍ଚିମବଙ୍ଗରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଆସନ୍ତା ୨୯ ତାରିଖ ବୁଧବାର ଦିନ ଅନୁଷ୍ଠିତ ହେବ ।

***Desk***

# ବିଦ୍ୟାଳୟ ଛୁଟି

ଗ୍ରୀଷ୍ମଲହରୀକୁ ଦୃଷ୍ଟିରେ ରଖି ରାଜ୍ୟରେ ଆଗୁଆ ସ୍କୁଲ୍ ଛୁଟି ଘୋଷଣାପାଇଁ ଆଲୋଚନା ହୋଇଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ରାଜସ୍ୱ ବିଭାଗ ଏବଂ ଗଣଶିକ୍ଷା ବିଭାଗ ସହିତ ଆଲୋଚନା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିକଟକୁ ପ୍ରସ୍ତାବ ପଠାଯାଇଛି । ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ।

***Voice (Pujari)*** :.......

***IPR***

# ପୁରୁଣା ବାଣିଜ୍ୟିକ ଗାଡ଼ି

ବାହାର ରାଜ୍ୟରେ ପଞ୍ଜିକୃତ ୧୦ ବର୍ଷରୁ ଅଧିକ ପୁରୁଣା ବାଣିଜ୍ୟିକ ଗାଡ଼ିଗୁଡ଼ିକୁ ଓଡ଼ିଶା ମଧ୍ୟକୁ ପ୍ରବେଶ ଓ ପରିଚାଳନା ଉପରେ କଟକଣା ଜାରି କରାଯାଇଛି । ରାଜ୍ୟରେ ପରିବହନ ବ୍ୟବସ୍ଥାକୁ ଉନ୍ନତ କରିବା ଓ ଯାତ୍ରୀଙ୍କ ନିରାପତ୍ତାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ରାଜ୍ୟ ପରିବହନ ପ୍ରାଧିକରଣର ୩୦୧ତମ ବୈଠକରେ ଗୃହୀତ ନିଷ୍ପତ୍ତି କାର୍ଯ୍ୟକାରୀ କରିବାକୁ ବାଣିଜ୍ୟ ଓ

ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ନିର୍ଦ୍ଦେଶ ଦେଇଛନ୍ତି । ନିର୍ଦ୍ଧାରିତ ସମୟସୀମା ଅତିକ୍ରମ କରିଥିବା ବାହାର ରାଜ୍ୟର କୌଣସି ଗାଡ଼ିକୁ ଓଡ଼ିଶାରେ ଚଳାଚଳ ପାଇଁ ଅନୁମତି ପ୍ରଦାନ କରାଯିବ ନାହିଁ । ନିର୍ଦ୍ଦୋନାମା ଅନୁଯାୟୀ ପୁରୁଣା ଗାଡ଼ିଗୁଡ଼ିକର ଠିକଣା ପରିବର୍ତ୍ତନ, ମାଲିକାନା ହସ୍ତାନ୍ତର ଆଦି କାର୍ଯ୍ୟ ନ କରିବାକୁ ରାଜ୍ୟର ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

***Desk***

# ସମ୍ବଲପୁର ରାସ୍ତ ଉନ୍ନତୀକରଣ

ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ ରାମପୁରଠାରେ ଗିରିଶଚନ୍ଦ୍ରପୁର ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ ପାଇଁ କେନ୍ଦ୍ର ସରକାର ୪୭ କୋଟି ୨୪ ଲକ୍ଷ ୬ ହଜାର ଟଙ୍କା ମଞ୍ଜୁର କରିଛନ୍ତି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ୨୪ କିଲୋମିଟରରୁ ଊର୍ଦ୍ଧ୍ୱ ରାସ୍ତାର ଉନ୍ନତିକରଣ ହେବ। ଫଳରେ ସ୍ଥାନୀୟବାସିନ୍ଦାଙ୍କପାଇଁ ଯୋଗାଯୋଗ ଓ ଅର୍ଥନୈତିକ ସୁଦୃଢ଼ୀକରଣ ହୋଇପାରିବ। କେନ୍ଦ୍ର ସରକାରଙ୍କ ଏହି ଅର୍ଥରାଶି ମଞ୍ଜୁରି ପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ’ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

*Nabarangpur/R*

# ଆୟୁଷ୍ମାନ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର

ନବରଙ୍ଗପୁର ଜିଲ୍ଲାରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଉଦ୍ଦେଶ୍ୟରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ୩ଟି ଆୟୁଷ୍ମାନ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ଉଦ୍‌ଘାଟିତ ହୋଇଛି । ଜିଲ୍ଲାର ତେନ୍ତୁଳିଖୁଣ୍ଟି ବ୍ଲକ୍‌ରେ ମଙ୍ଗଳଡୋରା, ଅଞ୍ଚଳ ଗୁମ୍ମା ଓ ପାତ୍ରପୁଟ ଗ୍ରାମରେ ୭୮ ଲକ୍ଷ ଟଙ୍କା ଲେଖାଏଁ ବ୍ୟୟ ଅଟକଳରେ ଆୟୁଷ୍ମାନ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ନିର୍ମିତ ହୋଇଛି । ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ବିଧାୟକ ଗୌରୀଶଙ୍କର ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ ନୂତନ କେନ୍ଦ୍ରଗୁଡ଼ିକୁ ଉଦ୍‌ଘାଟନ କରିଛନ୍ତି ।

*Nayagarh/R*

# ଆମେ ଜାଣିବା ଆମ ବଜେଟ୍

ନୟାଗଡ଼ରେ ଜିଲ୍ଲାସ୍ତରୀୟ 'ଆମେ ଜାଣିବା ଆମ ବଜେଟ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେଇ ୨୦୨୬-୨୭ ଆର୍ଥିକ ବର୍ଷପାଇଁ ବଜେଟ୍ ରାଜ୍ୟର ଦୀର୍ଘମିଆଦୀ ଦୃଷ୍ଟିକୋଣ ସହ ସମନ୍ୱିତ ହୋଇ ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନରେ ମୂଳଭିତ୍ତିକୁ ସୁଦୃଢ଼ କରିବ ବୋଲି କହିଛନ୍ତି ।

*Nabarangpur/R*

## ପର୍ଯ୍ୟଟନ ବିକାଶ

ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟିରେ ବ୍ଲକ୍‌ରେ ଥିବା ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରକଳ୍ପ ଓ ଏହାର ପାରିପାର୍ଶ୍ୱିକ ଅଞ୍ଚଳରେ ପର୍ଯ୍ୟଟନର ବିକାଶ ଲାଗି ଏକ ଉଚ୍ଚସ୍ତରୀୟ ଦଳ ପରିଦର୍ଶନ କରିଛନ୍ତି । ବିଧାୟକ ଗୌରୀଶଙ୍କର ମାଝୀଙ୍କ ଅଧ୍ୟକ୍ଷତାରେ ଏହି ଦଳ ଜଳଭଣ୍ଡାର ସମେତ ଦେଓପାଲି ବନ୍ଧ ଅଞ୍ଚଳ ବୁଲି ଦେଖିଥିଲେ । ସରକାରୀ-ଘରୋଇ ଭାଗିଦାରିତାରେ ସମ୍ପୃକ୍ତ ଅଞ୍ଚଳରେ ଇକୋ-ଟୁରିଜିମ୍‌ର ବିକାଶ ନେଇ ଆଲୋଚନା ହୋଇଥିବା ଜଣାପଡ଼ିଛି ।

*Desk*

## ପୁସ୍ତକ ଓ ସତ୍ୱାଧିକାର ଦିବସ

ପୁସ୍ତକର ମହତ୍ତ୍ୱ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇବା ପାଇଁ ପ୍ରତି ବର୍ଷ ଆଜିର ଦିନରେ 'ବିଶ୍ୱ ପୁସ୍ତକ ଏବଂ ସତ୍ୱାଧିକାର ଦିବସ' ପାଳନ କରାଯାଉଛି । ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ବହୁ ଭାଷିକତା ଓ ପୁସ୍ତକର ସୁଗମତା ମାଧ୍ୟମରେ ସାକ୍ଷରତାକୁ ପ୍ରୋତ୍ସାହିତ କରିବା' ।

*Desk*

# ପାଣିପାଗ

ରାଜ୍ୟରେ ଗ୍ରୀଷ୍ମପ୍ରବାହ ବୃଦ୍ଧି ପାଇବାରେ ଲାଗିଛି । ଗରମ ଓ ଗୁଳୁଗୁଳି ନେଇ ଆଗାମୀ ୨୪ ଘଣ୍ଟା ପାଇଁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୧୩ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ରାଜ୍ୟରେ ଆଜି ୧୬ଟି ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଛି । ଆଜି ଝାରସୁଗୁଡ଼ା ଓ ତାଳଚେରରେ ସର୍ବାଧିକ ଦିନ ତାପମାତ୍ରା ୪୪ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ଼ କରାଯାଇଛି । ହିଟ୍‌ୱେଭ୍ ନେଇ ସମ୍ବଲପୁର, ବଲାଙ୍ଗିର ଓ କନ୍ଧମାଳ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଆଗାମୀ ୩ ଦିନ ମଧ୍ୟରେ ରାଜ୍ୟର ଜିଲ୍ଲାଗୁଡ଼ିକରେ ସର୍ବାଧିକ ଦିନ ତାପମାତ୍ରାରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ । ପରେ ସର୍ବାଧିକ ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲ୍‌ସିୟସ୍ ହ୍ରାସ ପାଇବ । ଅନ୍ୟପକ୍ଷରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୧୮ଟି ଜିଲ୍ଲାରେ ଝଡ଼ବର୍ଷା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି ।

******